# କଳାକୃତି ଗ୍ରାମ ହେବ ପର୍ଯ୍ୟଟନସ୍ଥଳୀ

■୧୨ ଏସ୍ଏଚ୍‌ଜି ପକ୍ଷରୁ ହସ୍ତଶିଳ୍ପ ପ୍ରଦର୍ଶନ ଆରମ୍ଭ
■ଆଗକୁ ସାମିଲ ହେବେ ଅଧିକ ଗୋଷ୍ଠୀର ସଦସ୍ୟା
■ବୋଟିଂ, ପାର୍କ, ଦୋଳି ବ୍ୟବସ୍ଥା କରାଯିବ

**ଢେଙ୍କାନାଳ ଅଫିସ,୩୦।୯**

ଢେଙ୍କାନାଳ ଜିଲା ସଦର ବ୍ଲକରେ ଥିବା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟା ପଞ୍ଚାୟତର ଡୋକ୍ରା ହସ୍ତଶିଳ୍ପ ଗ୍ରାମ ସଦେଇବେରେଣୀ ନବଜୀବନପୁରଠାରେ ନିର୍ମାଣ ହୋଇଥିବା କଳାକୃତି ଗ୍ରାମକୁ ଢେଙ୍କାନାଳ ଜିଲାର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ କରାଯିବ। ଶୁକ୍ରବାର ଜିଲାପାଳ ସରୋଜ କୁମାର ସେଠୀ ଏହି ସୂଚନା ଦେଇଛନ୍ତି। ଏଥିସହ ଏହି କଳାକୃତି ଗ୍ରାମରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ନିଜ ହସ୍ତଶିଳ୍ପ ସାମଗ୍ରୀର ପ୍ରଦର୍ଶନ ଆରମ୍ଭ କରିଛନ୍ତି। ଆଗକୁ ଏଥିରେ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହେବେ। ଏହା ଯେପରି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇପାରିବ ସେଥିପାଇଁ ଏଠାରେ ଜଳାଶୟ, ବୋଟିଂ, ପାର୍କ ଓ ଦୋଳି ବ୍ୟବସ୍ଥା ରଖାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ୨୦୧୬-୧୭ ମସିହାରେ ତତ୍କାଳୀନ ଜିଲାପାଳ ରୂପା ରୋଶନ ସାହୁଙ୍କ ଉଦ୍ୟମରେ ରାଜ୍ୟ ସରକାରଙ୍କ ପକ୍ଷରୁ ସଦେଇବେରେଣୀ ନବଜୀବନପୁର ଗ୍ରାମକୁ ଗ୍ରାମୀଣ ପର୍ଯ୍ୟଟନସ୍ଥଳୀ କରାଯିବା ପାଇଁ ଦୁଇଟି ପର୍ଯ୍ୟାୟରେ ୫ କୋଟି ଟଙ୍କା ପ୍ରଦାନ ସହ ଏହି କଳାକୃତି ଗ୍ରାମ ନିର୍ମାଣ କରାଯାଇଥିଲା। ୨୦୧୮ରେ ମୁଖ୍ୟମନ୍ତ୍ରୀ ଏହାର ଉଦ୍‌ଘାଟନ କରିଥିଲେ। ଏହି କଳାକୃତି ଗ୍ରାମରେ ୨୭ଟି ଷ୍ଟଲ ରହିଥିବା ବେଳେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୧୭ଟି ଷ୍ଟଲ ପ୍ରଦାନ କରାଯାଇଛି। ଏପରିକି ଗ୍ରୁପ୍‌ର ସଦସ୍ୟାଙ୍କ ରହିବା, ଖାଇବା ଏବଂ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଢେଙ୍କାନାଳ ଲକ୍ଷ୍ମୀପୂଜା ଅବସରରେ ଜିଲା ପ୍ରଶାସନ ଓ ଓରମାସ ପକ୍ଷରୁ ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ପଲ୍ଲିଶ୍ରୀ ମେଳାରେ ଢେଙ୍କାନାଳ ସମେତ ବିଭିନ୍ନ ଜିଲାରୁ ନିଜ ପ୍ରସ୍ତୁତି ସାମଗ୍ରୀ ଓ ହସ୍ତଶିଳ୍ପ ନେଇ ଆସୁଥିବା ଏସ୍ଏଚ୍‌ଜି ସଦସ୍ୟାମାନଙ୍କ ଏଠାରେ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ଏହି ସଦସ୍ୟାମାନଙ୍କୁ ମହିଷାପାଟ ମେଳା ପଡିଆକୁ ବସ୍ ଯୋଗେ ନେବା ଆଣିବା କରାଯିବ। ମେଳା ପରେ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ କଳାକୃତି ଗ୍ରାମକୁ ଆସି ସେଠାରେ ରହି ନିଜର କାରୁକାର୍ଯ୍ୟ ପ୍ରଦର୍ଶନ ସହ ବିକ୍ରି କରିପାରିବେ। ସେହିପରି ଅଧିକ ଉନ୍ନତମାନର କାର୍ଯ୍ୟ ପାଇଁ ସେଠାରେ ପ୍ରଶିକ୍ଷଣ ଦେବା ବ୍ୟବସ୍ଥା ରହିଛି। ରାତିରେ ମହିଳାମାନେ ନିଜ ନିଜ ଭିତରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିପାରିବେ। ବର୍ଷତମାମ କଳାକୃତି ଗ୍ରାମରେ ଡୋକ୍ରା ଶିଳ୍ପ, ପିତଳ କଂସାବାସନ, ବାଉଁଶ ଓ ଟେରାକୋଟା ସାମଗ୍ରୀ, ଧୂପକାଠି, ବଡି, ପାମ୍ପଡ, ଝାଡୁ, ପୋପଛ, ଆଚାର ଆଦି ପ୍ରସ୍ତୁତି, ପ୍ରଦର୍ଶନ ଓ ବିକ୍ରୟ ହେବ। ଶୁକ୍ରବାର ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ତନ୍ମୟ କୁମାର ଦରୱନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସଦର ବ୍ଲକ ବିଡିଓ ସୁଧୀର କୁମାର ନାୟକ, ଓରମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ସମୀର କୁମାର ନାୟକ, ମିଶନଶକ୍ତି ପରିଚାଳିକା ମୋନାଲିସା ଭଞ୍ଜ ପ୍ରମୁଖ କଳାକୃତି ଗ୍ରାମ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। କଳାକୃତି ଗ୍ରାମରେ ଆସି ରହିଥିବା କାମାକ୍ଷାନଗର ବ୍ଲକ କୁଶୁମଯୋଡି ପଞ୍ଚାୟତର ଶକ୍ତି ମା ତାରେଣୀ ଏସ୍ଏଚ୍‌ଜି ସଦସ୍ୟା ମମତା ଖଟୁଆ କହିଛନ୍ତି, ପୂର୍ବରୁ ମାର୍କେଟିଂ ସୁବିଧା ଆମକୁ ମିଳୁ ନ ଥିଲା। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ଏହି କଳାକୃତି ଗ୍ରାମ ମାଧ୍ୟମରେ ଆମକୁ ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରୟ ସୁଯୋଗ ଦିଆଯାଇଛି। ଜିଲା ମିଶନ ଶକ୍ତି ପରିଚାଳିକା ମୋନାଲିସା ଭଞ୍ଜ କହିଛନ୍ତି, ଏହି କଳାକୃତି ଗ୍ରାମରେ ଡୋକ୍ରା, ବାଉଁଶଶିଳ୍ପ, ଟେରାକୋଟା, କଂସାବାସନ, ସଫ୍ଟ କଣ୍ଢେଇ ଆଦି ପ୍ରଦର୍ଶିତ ହେବ। ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି, ଏହି କଳାକୃତି ଗ୍ରାମ ୨୦୧୮ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। କିଛି ସମସ୍ୟା ରହିଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ଗତ ୬ମାସ ତଳେ ଉତ୍ସବ ମାଧ୍ୟମରେ ଏହାକୁ କାର୍ଯ୍ୟକ୍ଷମ କରାଗଲା। ବର୍ଷ ତମାମ ଏଠାରେ ଜିଲାର ଏସ୍ଏଚ୍‌ଜି ସଦସ୍ୟାମାନେ ରହି ସାମଗ୍ରୀ ପ୍ରସ୍ତୁତ ସହ ପ୍ରଦର୍ଶନ ଓ ବିକ୍ରି କରିବେ। ସପ୍ତଶଯ୍ୟା ଆସୁଥିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଏଠାରେ ହସ୍ତଶିଳ୍ପ ପ୍ରଦର୍ଶନ ସହ ବୋଟିଂ, ଛୋଟ ପିଲାଙ୍କ ପାଇଁ ଦୋଳି, ପାର୍କ କରାଯିବ। ବର୍ତ୍ତମାନ ୧୨ଟି ଏସ୍ଏଚ୍‌ଜି ଆସି ରହିଛନ୍ତି। ଲକ୍ଷ୍ମୀପୂଜା ସମୟରେ ଆସିବାକୁ ଥିବା ଏସ୍ଏଚ୍‌ଜିମାନଙ୍କୁ ମଧ୍ୟ ଏଠି ରଖାଯିବ। ସପ୍ତଶଯ୍ୟା ସମେତ ଏହା ମଧ୍ୟରେ ଥିବା କଳାକୃତି ଗ୍ରାମକୁ ଜିଲା ଏବଂ ରାଜ୍ୟର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯିବ।


କଳାକୃତି ଗ୍ରାମରେ ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ଗହଣରେ ଏସ୍ଏଚ୍‌ଜି ସଦସ୍ୟାମାନେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
dklselfie@gmail.com


@ ଆଶୁତୋଷ


@ ପ୍ରିୟ ପ୍ରକାଶ


@ ସତ୍ୟବ୍ରତ


@ ଚନ୍ଦନ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍ଫି ଉଠାଇ ପଠାନ୍ତୁ। ସେଲ୍ଫି ସହ ନିଜର ନାମ ଓ ମୋବାଇଲ ନମ୍ବର ଦିଅନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍ଫି ଉଠାଇବା ଅନୁଚିତ।

## ସଂକ୍ଷେପରେ

### ରେଳ ଧାରଣା ନିର୍ମାଣକୁ ବିରୋଧ

ଭୁବନ,୩୦।୯(ଡି.ଏନ.ଏ.)- ଢେଙ୍କାନାଳ ଜିଲା ଭୁବନ ଥାନା ଗଡନୃସିଂହପୁର ଦଳିତ ସାହି ନିକଟରେ ନିର୍ମାଣ ଚାଲିଥିବା ରେଳ ଧାରଣା କାର୍ଯ୍ୟକୁ ଶୁକ୍ରବାର ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏହି ଅଞ୍ଚଳରେ ତାଳଚେର-ସୁକିନ୍ଦା ରେଳ ଲାଇନ ନିର୍ମାଣ ହେଉଥିବାବେଳେ ବିଲରୁ ବର୍ଷାଜଳ ନିଷ୍କାସନରେ ସମସ୍ୟା ହେଉଛି। ଏ ନେଇ ଅନେକ ଦିନ ପୂର୍ବରୁ ଜିଲା ପ୍ରଶାସନକୁ ଲିଖିତ ଅଭିଯୋଗ କରାଯାଇଥିଲା। ଠିକାଦାର ପୁନର୍ବାର କାର୍ଯ୍ୟ ଆରମ୍ଭ କରିବାରୁ ଦଳିତ ସାହି ଓ ଅଞ୍ଚଳର ବୁଦ୍ଧିଜୀବୀମାନେ କାର୍ଯ୍ୟକୁ ବିରୋଧ କରିଥିଲେ। ଖବରପାଇ କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହିତ ଯଥାଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଆନ୍ଦୋଳନରୁ ଓହରି ଥିଲେ।

### ଲୁହାରଡ୍‌ରେ ଛାତ୍ରୀଛାତ୍ରଙ୍କୁ ମାଡ଼ ଅଭିଯୋଗ

କାମାକ୍ଷାନଗର, ୩୦।୯ (ଡି.ଏନ.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ଏକ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଲୁହା ରଡ୍‌ରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଅଭିଭାବକମାନେ ଦୀର୍ଘସମୟ ଧରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟରେ ଘେରାଉ କରିବା ସହ ତାଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଦାବି କରିଥିଲେ। ଖବରପାଇ କାମାକ୍ଷାନଗର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ (ଏବିଓ) କୃଷ୍ଣଚନ୍ଦ୍ର ଭୋଇ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କୁ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବିଓଙ୍କ ପ୍ରତିଶ୍ରୁତି ପରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଆନ୍ଦୋଳନରୁ ଓହରିଥିଲେ। ଅନ୍ୟପଟେ ଏହି ଅଭିଯୋଗକୁ ପ୍ରଧାନ ଶିକ୍ଷୟିତ୍ରୀ ଖଣ୍ଡନ କରିଛନ୍ତି।

# ଟାଟାଷ୍ଟିଲ ପକ୍ଷରୁ ସଚେତନତା

**ଢେଙ୍କାନାଳ ଅଫିସ,୩୦।୯**

ଢେଙ୍କାନାଳ ଜିଲା ଟାଟାଷ୍ଟିଲ ମେରାମଣ୍ଡଳି ସୁରକ୍ଷା ବିଭାଗ ପକ୍ଷରୁ ଢେଙ୍କାନାଳ ପୋଲିସ ସହାୟତାରେ ଗୁରୁବାରଠାରୁ ୫୫ନଂ ଜାତୀୟ ରାଜପଥରେ ଯାତ୍ରୀ ଓ ଗାଡିଚାଳକଙ୍କୁ ସଚେତନ କରାଯାଉଛି। ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ରୋକିବା ଉଦ୍ଦେଶ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅଭିଯାନ ଆଗାମୀ କିଛିଦିନ ପାଇଁ ଚାଲୁ ରହିବ। ମଦ୍ୟପାନ କରି ଗାଡିଚାଳନାର କୁପ୍ରଭାବ ଓ ସଡକ ସୁରକ୍ଷା ନିୟମ ସମ୍ପର୍କରେ ଏଥିରେ ଯାତ୍ରୀ ଓ ଚାଳକଙ୍କୁ ସଚେତନତା କରାଯାଉଛି। ଟାଟାଷ୍ଟିଲ କଳିଙ୍ଗ ନଗର ଓ ଟାଟାଷ୍ଟିଲ ମେରାମଣ୍ଡଳି ସୁରକ୍ଷା ବିଭାଗ ମୁଖ୍ୟ କର୍ଣ୍ଣେଲ ପ୍ରକାଶ ସଞ୍ଜୟ, ଟାଟାଷ୍ଟିଲ ମେରାମଣ୍ଡଳି ସୁରକ୍ଷା ବିଭାଗ ମୁଖ୍ୟ ଅଭିଷେକ ଶର୍ମା, ସିଏସ୍‌ଆଇ ବିଭାଗ ମୁଖ୍ୟ ଦିବ୍ୟାହାସ ରାୟ ଉପସ୍ଥିତ ରହି ଏହି ଅଭିଯାନ ଆରମ୍ଭ କରିଥିଲେ। କଣ୍ଟାବଣିଆ ଥାନା ଅଧିକାରୀ କବିତା ପାତ୍ର ଓ ମୋଟଙ୍ଗା ଥାନା ଅଧିକାରୀ ନିରଞ୍ଜନ ସେଠୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପାର୍ଶ୍ୱବର୍ତ୍ତୀ ଗ୍ରାମର ପଞ୍ଚାୟତିରାଜ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ଅବସରରେ ମଦ୍ୟପ ଗାଡିଚାଳକଙ୍କୁ ଯାଞ୍ଚ କରାଯିବା ସହିତ ପ୍ରଚାର ପତ୍ରିକା ବଣ୍ଟନ କରାଯାଇଥିଲା। ସ୍ଥାନୀୟ ଜନ ପ୍ରତିନିଧି ଏବଂ ଅଧିକାରୀମାନେ ଟାଟାଷ୍ଟିଲ ମେରାମଣ୍ଡଳିର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି ଅଭିଯାନ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। କମ୍ପାନୀ ସମ୍ମୁଖ ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥରେ ଟ୍ରାଫିକ ପରିଚାଳନା ପାଇଁ କମ୍ପାନୀ ପକ୍ଷରୁ କାରଖାନା ବାହାରେ ଟ୍ରାନ୍ସପୋର୍ଟ ପାର୍କିଂ ଓ ବସ୍ ରହଣି ବ୍ୟବସ୍ଥା କରାଯାଇଛି। ସେହିପରି କମ୍ପାନୀ ପକ୍ଷରୁ ଗ୍ରାମାଞ୍ଚଳର ଲୋକମାନଙ୍କୁ ସଡକ ସୁରକ୍ଷା ଉପରେ ସଚେତନ କରାଯାଉଛି।


ଟାଟାଷ୍ଟିଲ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଉଛି।

### ବ୍ରାହ୍ମଣୀରେ ବୁଡ଼ି ଯୁବକ ନିଖୋଜ

**ପରଜଙ୍ଗ,୩୦।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଜଟିଆ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ବୁଡ଼ି ଶୁକ୍ରବାର ଯାଜପୁର ଜିଲା ସୁକିନ୍ଦା ବ୍ଲକ ଡୁବୁରୀ ଅଞ୍ଚଳର ରାଜେନ୍ଦ୍ର ନାୟକ(୩୨) ନିଖୋଜ ହୋଇଯାଇଛନ୍ତି। ଘଟଣାରୁ ଜଣାପଡ଼ିଛି, ଗାଡ଼ି ମାଲିକାନା ବଦଳ ପାଇଁ ରାଜେନ୍ଦ୍ର ଓ ବିଶିକେଶନ ନାମକ ଜଣେ ଯୁବକ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରୁ ଫେରି ବ୍ରାହ୍ମଣୀ ନଦୀରେ ଗାଧୋଉଥିଲେ। ଏହି ସମୟରେ ରାଜେନ୍ଦ୍ର ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଏ ନେଇ ବିଶିକେଶନ ପରଜଙ୍ଗ ଦମକଳ କେନ୍ଦ୍ରକୁ ଜଣାଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ରାଜେନ୍ଦ୍ରଙ୍କ ସନ୍ଧାନ ମିଳିପାରି ନାହିଁ। ଖବରପାଇ ରାଜେନ୍ଦ୍ରଙ୍କ ପରିବାର ଲୋକ ନଦୀ ତଟରେ ପହଞ୍ଚିଥିବା ଜଣାପଡିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ୨ରେ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**ଢେଙ୍କାନାଳ ଅଫିସ,୩୦।୯**

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଢେଙ୍କାନାଳରେ ଜିଲା ପ୍ରଶାସନ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଏବଂ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବ। ଶୁକ୍ରବାର ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ପୂର୍ବତନ ପ୍ରଧାମନ୍ତ୍ରୀ ଶାସ୍ତ୍ରୀ ଏବଂ ମହାତ୍ମା ଗାନ୍ଧୀ ମାର୍ଗ ପାର୍ଶ୍ୱ ଷ୍ଟାଡିୟମ ନିକଟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତି ମଧ୍ୟ ଉନ୍ମୋଚିତ ହେବ। ଏହାପୂର୍ବରୁ ସକାଳ ୭ଟାରେ ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀ ପାର୍କଠାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସର୍ବଧର୍ମ ପ୍ରାର୍ଥନା ସହ ଗାନ୍ଧୀଜୀଙ୍କ ସ୍ମୃତିଚାରଣ କରାଯିବ। ଶେଷରେ ପୌରସଂସ୍ଥା ପକ୍ଷରୁ ଗାନ୍ଧୀ ମାର୍ଗରେ ରାହଗିରି ଓ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯିବ। ସନ୍ଧ୍ୟା ସାଢେ ୬ଟାରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନହଲଠାରେ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ସୂଚନା ଦିଆଯାଇଛି।

### କେନାଲରେ ନବଜାତ ଶିଶୁ ମୃତଦେହ

**ପରଜଙ୍ଗ,୩୦।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କନ୍ଧୁର ଗ୍ରାମ ନିକଟରେ ଯାଇଥିବା ରେଙ୍ଗାଳି ମୁଖ୍ୟ ବାମ କେନାଲ ଗେଟ୍ ନିକଟରେ ଶୁକ୍ରବାର ଏକ ନବଜାତ ଶିଶୁ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। କିଛିଲୋକ ସେଠାକୁ ଗାଧୋଇବାକୁ ଯାଇଥିବାବେଳେ ଶିଶୁର ମୃତଦେହ ଗେଟ୍‌ରେ ଲାଗିଥିବା ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ତେବେ ଅପରାହ୍ନରେ ଉକ୍ତ ମୃତଦେହ ତଳମୁଣ୍ଡ ଆଡ଼କୁ ଭାସି ଯାଇଥିଲା। ଏ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଖବର ଲେଖା ହେବା ସୁଦ୍ଧା ଘଟଣାସ୍ଥଳରେ ପୋଲିସ କିମ୍ବା ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବା ଜଣାପଡ଼ିଛି।

# କ୍ରାଲ୍‌ରେ ନରହନ୍ତା ହାତୀର ଚିକିତ୍ସା

**ଢେଙ୍କାନାଳ ଅଫିସ,୩୦।୯**

କଟକ ଜଗତପୁରରେ ଆତଙ୍କ ସୃଷ୍ଟି କରିଥିବା ୨୦ ବର୍ଷର ମାଇ ହାତୀକୁ ଟ୍ରାଙ୍କୁଲାଇଜ୍ କରି ଗୁରୁବାର ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରରେ ରଖାଯାଇ ଚିକିତ୍ସା କରାଯାଉଛି। ଗୁରୁବାର ନନ୍ଦନକାନନରୁ ଆସିଥିବା ପ୍ରାଣୀ ଚିକିତ୍ସକମାନେ ହାତୀଟିର ଚିକିତ୍ସା କରିଥିଲେ। ସେହିପରି ଶୁକ୍ରବାର ଅନୁଗୋଳ ଜିଲା ସାତକୋଶିଆରୁ ପ୍ରାଣୀ ଚିକିତ୍ସକମାନେ ଆସି ଅଧିକ ଚିକିତ୍ସା କରୁଛନ୍ତି। ଡିହାଇଡ୍ରେସନର ଶିକାର ହୋଇଥିବା ହାତୀଟି ଔଷଧ ଖାଇବା ପରେ ସୁସ୍ଥ ହେଉଛି। ବରଡାଳ ଖାଇବା ସହ ଆବଶ୍ୟକ ଅନୁଯାୟୀ ପାଣି ପିଉଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କହିଛନ୍ତି, ହାତୀଟି ଗୁରୁବାର ଅପେକ୍ଷା ଶୁକ୍ରବାର ସୁସ୍ଥ ଥିବା ଦେଖାଯାଇଛି। ଆବଶ୍ୟକ ଅନୁଯାୟୀ ପାଣି ପିଉଛି। ତାକୁ ବରଡାଳ ଖାଇବାକୁ ଦିଆଯାଉଛି। ହାତୀଟିର ସ୍ୱାସ୍ଥ୍ୟ ପ୍ରତି ବନବିଭାଗ ପକ୍ଷରୁ ସତର୍କତାର ସହ ଦୃଷ୍ଟି ପ୍ରଦାନ କରାଯାଉଛି ବୋଲି ଜିଲା ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି।


କ୍ରାଲ ଭିତରେ ହାତୀ।

# ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁରସ୍କାର

**ଢେଙ୍କାନାଳ ଅଫିସ,୩୦।୯**

ଢେଙ୍କାନାଳ ପୌରାଞ୍ଚଳର ୧ନଂ ୱାର୍ଡରେ ଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାଠଗଡା ଚଳିତ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଜାତୀୟ ଗୁଣବତା ମାନଦଣ୍ଡ ପୁରସ୍କାର ହାସଲ କରିଛି। ଗତ ଅଗଷ୍ଟ ୩୧ ତାରିଖ ଏବଂ ସେପ୍ଟେମ୍ବର ୧ ତାରିଖରେ କେନ୍ଦ୍ରୀୟ ଟିମ୍ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ୧୨ଟି ବିଭାଗର ମୂଲ୍ୟାୟନ କରିଥିଲେ। ଏହି କମିଟିରେ ସଦସ୍ୟା ଅନିତାରାଣୀ ବଂସାଲ ଏବଂ ଅଳକା ଗୁପ୍ତା ସାମିଲ ଥିଲେ। ପରିଦର୍ଶନ ସମୟରେ ସହରାଞ୍ଚଳ ରାଜ୍ୟ ପରିଚାଳକ ସୁକାନ୍ତ କୁମାର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଶ ଚନ୍ଦ୍ର ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲା ସହରାଞ୍ଚଳ ସହ ପରିଚାଳକ ଭାଗୀରଥି ପାଣିଗ୍ରାହୀ, ଜିଲା କ୍ୱାଲିଟି ମ୍ୟାନେଜର ସମରେନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ପୁରସ୍କାର ବାବଦକୁ ପ୍ରଶଂସାପତ୍ର ସହ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ସେବା ମନୋଭାବ ଯୋଗୁ ଆଗାମୀ ଦିନରେ ମଧ୍ୟ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅବଦାନ ରହିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ୨୦୧୩ ମସିହା ଠାରୁ ସ୍ୱାସ୍ଥ୍ୟ ସେବାରେ ଉତ୍କର୍ଷ ଲାଭ କରିଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକୁ ପ୍ରତିବର୍ଷ ପୁରସ୍କୃତ କରାଯାଉଛି।



କାଠଗଡାସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଡାକ୍ତର ଓ କର୍ମଚାରୀମାନେ।

# ସୁଯୋଗର ସଦୁପଯୋଗ କର

### କପିଳାସ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ଢେଙ୍କାନାଳ ଅଫିସ,୩୦।୯**

ଢେଙ୍କାନାଳ ସହରସ୍ଥିତ ଭାରତୀୟ ସଙ୍ଗୀତ ନିଳୟ ଅନୁଷ୍ଠାନ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହାୟତାରେ ସ୍ଥାନୀୟ ଗୋପବନ୍ଧୁ ଟାଉନହଲ ଠାରେ ଚାଲିଥିବା ୭ମ କପିଳାସ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ରର ଉପନିର୍ଦ୍ଦେଶକ ଅଶୋକ କୁମାର ଦାଶ ଯୋଗଦେଇ କହିଲେ ଯେ, କଳା ଓ କଳାକାରଙ୍କ ପ୍ରୋତ୍ସାହନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁତ ସୁଯୋଗ ଦିଆଯାଉଛି। ଶିକ୍ଷାର୍ଥୀଙ୍କୁ ଭଲ କଳାକାରଟିଏ ହେବାକୁ ହେଲେ ନିଷ୍ଠା ଓ ସାଧନା ଆବଶ୍ୟକ। ତେଣୁ ସୁଯୋଗକୁ ହାତଛଡା ନ କରି ଏହାର ସଦୁପଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ନାଟ୍ୟକାର ଦିଲୀଶ୍ୱର ମହାରଣା ଢେଙ୍କାନାଳରେ ଶାସ୍ତ୍ରୀୟ ସଙ୍ଗୀତର ପ୍ରବେଶ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ ତାନସେନ କିପରି ନିଜର ନିଷ୍ଠା ଓ ସାଧନା ବଳରେ ଆକବରଙ୍କ ପ୍ରିୟ ହୋଇପାରିଥିଲେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଳ୍ପୀ ପରେଶ ପଟ୍ଟନାୟକ ଢେଙ୍କାନାଳର କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ ଓ ପରମ୍ପରା ଜିଲାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିବା କହିଥିଲେ। ବିଶିଷ୍ଟ ତବଲା ବାଦକ ନରେନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୁରୁ ଯାମିନୀ ରଞ୍ଜନ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜୀବ ମହନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



କପିଳାସ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

## ସଂକ୍ଷେପରେ

### ଶିବ ମନ୍ଦିରରୁ ଚୋରି

ବଇଣ୍ଡା,୩୦।୯(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା ପଞ୍ଚାୟତ ବଡ଼ବର ଗ୍ରାମ ଶିବମନ୍ଦିରରୁ ଗୁରୁବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଲା ଭାଙ୍ଗି ମାଇକ୍ ସହ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିବା ଶୁକ୍ରବାର ମନ୍ଦିର କମିଟି ସମ୍ପାଦକ ଗୋକୁଳାନନ୍ଦ ପ୍ରଧାନ ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୩୬/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଗୁରୁବାର ମନ୍ଦିରରେ ତାଲା ପକାଇ ପୂଜକ ଘରକୁ ଯିବା ପରେ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଆକ୍ରମଣ କରି ନାବାଳକ ଗିରଫ

କଣିହାଁ,୩୦।୯(ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳର ଅନିରୁଦ୍ଧ ସେଠୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଟିପ ଗ୍ରାମର ଜଣେ ନାବାଳକଙ୍କୁ ଗିରଫ କରି ଅନୁଗୋଳ ଜୁଭେନାଇଲ କୋର୍ଟ ପଠାଇଛି। ଗୁରୁବାର ବ୍ୟାରେଜ ଅଫିସ ସମ୍ମୁଖ ଚା' ଦୋକାନରେ ଅନିରୁଦ୍ଧ ଛିଡ଼ା ହୋଇଥିବାବେଳେ ପୂର୍ବଶତ୍ରୁତାକୁ ନେଇ ପଛପଟୁ ଏକ ପଥରରେ ନାବାଳକ ଜଣକ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏ ନେଇ ଅନିରୁଦ୍ଧଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୮୯/୨୦୨ରେ ମାମଲା ରୁଜୁ କରିଥିଲା।

# ବିଜ୍ଞାନର ଅବଦାନ ଅତୁଳନୀୟ



ଜଣେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

**ବଇଣ୍ଡା, ୩୦।୯ (ଡି.ଏନ.ଏ.)**

ବିକାଶ କ୍ଷେତ୍ରରେ ବିଜ୍ଞାନର ଅବଦାନ ଅତୁଳନୀୟ। ବିଜ୍ଞାନ ପ୍ରତି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ଶିକ୍ଷକଙ୍କ ଧର୍ମ ହେବା ଉଚିତ ବୋଲି ଶୁକ୍ରବାର କିଶୋରନଗର ବ୍ଲକସ୍ତରୀୟ ବିଜ୍ଞାନ ସେମିନାରର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବିଡିଓ ବିନୋଦ ବିହାରୀ ବେହେରା ଉଦ୍‌ଘାଟନ କରିଥିଲେ। ୨୫ଟି ବିଦ୍ୟାଳୟରୁ ୨୮ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ସୁଧାଂଶୁ ଶେଖର ବିଶ୍ୱାଳ ଓ ସୁଶାନ୍ତ କୁମାର ଆଚାର୍ଯ୍ୟ ଯୋଗଦେଇଥିଲେ। ଏଥିରେ ରଣିଆକଟା ଆଦର୍ଶ ବିଦ୍ୟାଳୟର ବିଶ୍ୱଭାରତୀ ସାହୁ ପ୍ରଥମ ହୋଇଥିବା ବେଳେ କିଶୋରନଗର ହାଇସ୍କୁଲର ଅଭିଲିପ୍ସା ଆଚାର୍ଯ୍ୟ ଦ୍ୱିତୀୟ ଓ ଇଚ୍ଛାପୁର ହାଇସ୍କୁଲର ସୌମ୍ୟାରାଣୀ ମାଝି ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟର ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା ଯୋଗ ଦେଇ କୃତିତ୍ୱ ଅର୍ଜନ କରିଥିବା କୁନି ବିଜ୍ଞାନୀମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗ୍ରାମ କେଶରୀ ପୃଷ୍ଟି, ଭୈରବ କୁମାର ଦେହୁରୀ, ଚିନ୍ମୟୀ ମହାପାତ୍ର ସଂଯୋଜନା କରିଥିଲେ। ବିଜ୍ଞାନ ଶିକ୍ଷକ ବିନାୟକ ଦେହୁରୀ, ପ୍ରମୋଦିନୀ ପ୍ରଧାନ ସହଯୋଗ କରିଥିଲେ।

# ଅହଙ୍କାରପୂର୍ଣ୍ଣ ମନ୍ତବ୍ୟକୁ ନିନ୍ଦା

**ଅନୁଗୋଳ ଅଫିସ,୩୦।୯ :** ବିହାରର ଜଣେ ସ୍କୁଲ ଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେବାବେଳେ ରାଜ୍ୟ ମହିଳା ବିକାଶ ବିଭାଗର ବରିଷ୍ଠ ଅଧିକାରୀ ହରଜୋତ କୌର ଅହଙ୍କାରପୂର୍ଣ୍ଣ ମନ୍ତବ୍ୟ ଦେଇଥିବା ବେଳେ ଏହାକୁ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି ଦୃଢ ନିନ୍ଦା କରିଛନ୍ତି। ବିହାର ସରକାର ସମସ୍ତ ଛାତ୍ରୀଙ୍କୁ ଭଲ କ୍ୱାଲିଟିର ଦେୟମୁକ୍ତ ସାନିଟାରି ପ୍ୟାଡ୍ ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ଅନୁଗୋଳ ଜିଲା କମିଟି ସଭାପତି ମନ୍ଦୋଦରୀ ରାଉଳ, ସମ୍ପାଦିକା ମାନସୀ ସ୍ୱାଇଁ, ଉପସଭାପତି ସରୋଜିନୀ ନାୟକ ପ୍ରମୁଖ ଦାବି କରିଛନ୍ତି।




# ଗାନ୍ଧୀ ଜୟନ୍ତୀରେ ଶୁଭାରମ୍ଭ ହେବ ଇ-ରିକ୍ସା

**ଢେଙ୍କାନାଳ ଅଫିସ,୩୦।୯**



ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିନ ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ସହରରେ ଇ-ରିକ୍ସାର ଶୁଭାରମ୍ଭ କରାଯିବ। ପ୍ରଥମ ପର୍ଯ୍ୟାୟରେ ସହରରେ ୮ଟି ଇ-ରିକ୍ସା ଚାଲିବ। ରୋଗୀମାନଙ୍କୁ ସେଥିରେ ମାଗଣା ପରିବହନର ସୁଯୋଗ ମିଳିବ।। ରୋଗୀଙ୍କ ସମ୍ପର୍କୀୟ ଏବଂ ଅନ୍ୟ ଯାତ୍ରୀଙ୍କ ପାଇଁ ୧୦ ଟଙ୍କା ଲେଖାଏ ଦେୟ ରହିବ ବୋଲି ପୌରସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି ୮ଟି ରିକ୍ସା ଜିଲା ମୁଖ୍ୟ ଚିକିତ୍ସାଳୟ, ରେଳ ଷ୍ଟେଶନ, ବସଷ୍ଟାଣ୍ଡ ଓ ସହର ଉପକଣ୍ଠରେ ଥିବା ଶ୍ୟାମାଚରଣପୁର ପ୍ୟାସେଞ୍ଜର ହଲ୍ଟ ରେଳଷ୍ଟେଶନ ମଧ୍ୟରେ ଚଳାଚଳ କରିବ। ଆଗାମୀ ଦିନରେ ସହର ମଧ୍ୟରେ ଅଧିକ ଇ-ରିକ୍ସା ଚଳାଚଳ କରିବ ବୋଲି ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ସୂଚନା ଦେଇଛନ୍ତି। ଏହି ଇ-ରିକ୍ସା ଦ୍ୱାରା ରୋଗୀମାନେ ପରିବହନରେ ବିଶେଷ ସୁବିଧା ପାଇବେ ବୋଲି ସୂଚନା ଦିଆଯାଇଛି।

# ବ୍ରାଉନ ସୁଗାର ଜବତ, ବୃଦ୍ଧା ଗିରଫ

**ଢେଙ୍କାନାଳ ଅଫିସ,୩୦।୯**



ଗିରଫ ବୃଦ୍ଧା ଓ ଜବତ ବ୍ରାଉନସୁଗାର।

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ନୂଆଆଳତୁମା ଗ୍ରାମରେ ଅବକାରୀ ବିଭାଗର ଗୁଇନ୍ଦା ସ୍କ୍ୱାଡ୍ ପକ୍ଷରୁ ଶୁକ୍ରବାର ଚଢାଉ କରାଯାଇ ୩୫ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ଜବତ ବ୍ରାଉନ ସୁଗାର ମୂଲ୍ୟ ପ୍ରାୟ ସାଢେ ୩ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣାପଡିଛି। ଏହି ଘଟଣାରେ ଗ୍ରାମର ଚନ୍ଦ୍ରାବତୀ ବେହେରା(୬୩)ଙ୍କୁ ଗିରଫ କରାଯାଇଛି।

ପ୍ରକାଶ ଯେ, ନୂଆ ଆଳତୁମା ଗ୍ରାମରେ ଏହି ନିଶା ଦ୍ରବ୍ୟ କାରବାର ହେଉଥିବା ସମ୍ପର୍କରେ ରାଜ୍ୟ ଅବକାରୀ କମିଶନର ଆଶିଷ ସିଂହ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶରେ ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ଡିଭିଜନର ଡେପୁଟି କମିଶନର ରାଜେନ୍ଦ୍ର ବୋଥାଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ଗୁଇନ୍ଦା ସ୍କ୍ୱାଡ୍ ଭୋର ସମୟରେ ଗ୍ରାମରେ ଚଢ଼ାଉ କରି ଅଥାନି ବେହେରାଙ୍କ ସ୍ତ୍ରୀ ଚନ୍ଦ୍ରାବତୀଙ୍କୁ ବ୍ରାଉନ ସୁଗାର ବିକୁଥିବା ବେଳେ ଗିରଫ କରିଥିଲେ। ଅବକାରୀ ବିଭାଗର ଚଢ଼ାଉ ଦେଖି ଚନ୍ଦ୍ରାବତୀଙ୍କ ପୁଅ ଫେରାର ହୋଇଯାଇଥିଲେ। ଚନ୍ଦ୍ରାବତୀଙ୍କଠାରୁ ୩୫ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଥିଲା। ଅବକାରୀ ଗୁଇନ୍ଦା ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବିପ୍ର ଚରଣ ମଣ୍ଡଳଙ୍କ ନେତୃତ୍ୱରେ ଇନ୍ସପେକ୍ଟର ପ୍ରମୋଦ କୁମାର ପଣ୍ଡା, ଏସ୍‌ଆଇ ଦିଲୀପ କୁମାର ରଥ ପ୍ରମୁଖ ଚଢାଉରେ ସାମିଲ ଥିଲେ।

# ଜୀବନବୀମା ଅଧିକର୍ତ୍ତାଙ୍କ ବିଶ୍ରାମ ଦିବସ



**ଢେଙ୍କାନାଳ ଅଫିସ,୩୦।୯**

ସର୍ବଭାରତୀୟ ସ୍ତରରେ ଜୀବନବୀମା ନିଗମ ଅଧିକର୍ତ୍ତା ମହାସଂଘ ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ଭାରତୀୟ ଜୀବନ ବୀମା ନିଗମ ଅଧିକର୍ତ୍ତାମାନଙ୍କ ଏକ ବିଶ୍ରାମ ଦିବସ କାର୍ଯ୍ୟକ୍ରମ ଶୁକ୍ରବାର କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ଅଧିକର୍ତ୍ତାମାନଙ୍କ ବିଭିନ୍ନ ଦାବି ଯଥା, ପଲିସିଧାରୀଙ୍କ ବୋନସ ବୃଦ୍ଧି, ପଲିସି ଋଣ ଉପରେ ସୁଦ୍ଧ ହ୍ରାସ, ବୀମା ପ୍ରିମିୟମ ଉପରୁ ଜିଏସଟି ଉଚ୍ଛେଦ ଆଦି ମୁଖ୍ୟ ଦାବି ରହିଥିଲା। ଏହି ଆନ୍ଦୋଳନ ୩୦।୧୧।୨୦୨୨ ପର୍ଯ୍ୟନ୍ତ ଚାଲୁ ରହିବ। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ। ଶଙ୍କର୍ଷଣ ରଥ, ଶ୍ରୀକାନ୍ତ ଦାସ, ରମେଶ ଚନ୍ଦ୍ର ସାମଲ, ଉଦୟ ନାଥ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ଶତପଥୀ, ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।



